To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ବେଙ୍ଗାଲୁରୁ ସିଲିଣ୍ଡର ବିସ୍ଫୋରଣରେ ୭ ମୃତ, ଦୁର୍ଘଟଣାରେ ଅନାଥ ଝିଅକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ ସରକାର



R.N.I. No.-42041/83 Vol-15, Issue No.109, ଭଦ୍ରକ, ମଙ୍ଗଳବାର, ୧୭, ଅକ୍ଟୋବର ୨୦୧୭ ■ Bhadrak, Tuesday, 17 October 2017 Rs. 2.00 Pages-8

# ବିଜେପୁର ପଥ ପରିଷ୍କାର

## ନିର୍ବାଚନୀ ଅନିୟମିତତା ମାମଲାକୁ ବନ୍ଦ କଲେ ହାଇକୋର୍ଟ

ଭୁବନେଶ୍ୱରଳ, ୧୬।୧୦ (ସକାଳ ଖବର) : ବିଜେପୁର ନିର୍ବାଚନକୁ ନେଇ ହାଇକୋର୍ଟରେ ଚାଲିଥିବା



ମାମଲାରେ ପୂର୍ଣ୍ଣଚ୍ଛେଦ ପଡିଛି । ମାମଲା ଆଗକୁ ଚାଲିପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ସୋମବାର ଦିନ ରାୟ ଦେଇଛନ୍ତି। ମାମଲାରେ ପକ୍ଷଭୁକ୍ତ ଥିବା ସୁବଳ ସାହୁଙ୍କର ମୃତ୍ୟୁ ହୋଇଥିବାରୁ ଏହି ମାମଲା ଆଉ ଚାଲିବାର କୌଣସି ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଧାୟକ ସୁବଳ ସାହୁଙ୍କ ମୃତ୍ୟୁପରେ ବିଜେପୁରରେ ଉପନିର୍ବାଚନ ହେବାକୁ ଥିଲେ ମଧ୍ୟ ହାଇକୋର୍ଟରେ ମାମଲା ଥିବାରୁ ନିର୍ବାଚନ କମିଶନ ଏନେଇ ଘୋଷଣା କରି ନଥିଲେ। ମାତ୍ର ସୋମବାର ପ୍ରକାଶ ପାଇଥିବା ରାୟ ଫଳରେ ବିଜେପୁର ଉପନିର୍ବାଚନ ଲାଗି ପଥ ପରିଷ୍କାର ହୋଇଛି। ବର୍ତମାନ ନିର୍ବାଚନ କମିଶନ୍ ଉପନିର୍ବାଚନ ନେଇ ବିଜ୍ଞପ୍ତି ଜାରି କରିପାରିବେ। ଅନ୍ୟପକ୍ଷରେ ଏହା ହାଇକୋର୍ଟଙ୍କ ଆଇନଗତ ତର୍ଜମା। ପଦ ରଦ୍ଦ ଏବଂ ଆସନ ଖାଲିପାଇଁ ଆବେଦନ କରିଥିଲି। ପ୍ରତିପକ୍ଷଙ୍କ ମୃତ୍ୟୁ ପରେ ସ୍ୱତଃସ୍ଫୂର୍ତ ଭାବେ ବିଜେପୁର ଆସନ ଖାଲି ହୋଇଯାଇଛି । ସେଥିପାଇଁ ହାଇକୋର୍ଟ ମାମଲାକୁ ଆଗକୁ ନେଲେ ନାହିଁ ବୋଲି ବିଜେଡି ସାଂସଦ ତଥା ଆବେଦନକାରୀ ପ୍ରସନ୍ନ ଆଚାର୍ଯ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏସମ୍ପର୍କରେ ଦିବଂଗତ ବିଧାୟକ ସୁବଳ ସାହୁଙ୍କ ଓକିଲ ତରଣୀକାନ୍ତ ବିଶ୍ୱାଳ କହିଛନ୍ତି ଯେ ୨୦୧୪ରେ ପରାଜିତ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ପଦ ରଦ୍ଦ, ଆସନ ଖାଲି ଏବଂ ଉପନିର୍ବାଚନ କରିବାକୁ ଦାବି କରିଥିଲେ । ସ୍ୱର୍ଗତ ସାହୁଙ୍କ ମୃତ୍ୟୁ ପରେ ତାଙ୍କ ଆବେଦନ ଆପେ ଆପେ ପୂରଣ ହୋଇଯାଇଛି । ତେଣୁ ହାଇକୋର୍ଟ ମାମଲାକୁ ଆଗକୁ ବଢାଇଲେ ନାହିଁ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ ଗତ ୨୦୧୪ରେ ଅନୁଷ୍ଠିତ ନିର୍ବାଚନରେ ମାତ୍ର ୪୫୮ଖଣ୍ଡ ଭୋଟରେ ନିର୍ବାଚନରେ ପରାଜିତ ହୋଇଥିବା ପ୍ରସନ୍ନ କୁମାର ଆଚାର୍ଯ୍ୟ ତାଙ୍କର ପ୍ରତିପକ୍ଷ ସୁବଳ ସାହୁଙ୍କ ନାମରେ ଅନିୟମିତତା ଅଭିଯୋଗ ଆଣି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ଲାଗି ହାଇକୋର୍ଟରେ ଆବେଦନ କରିଥିଲେ ।

# ବିଜେପୁରକୁ ନବୀନଙ୍କ ଗିଫ୍ଟ

- ୧୨୫୦ କୋଟି ଟଙ୍କାର ଭୂତଳ ପାଇପ ଲାଇନ ପ୍ରକଳ୍ପର ଘୋଷଣା
- ୩୨ ହଜାର ହେକ୍ଟର ଜମି ହେବ ଜଳସେଚିତ



ଭୁବନେଶ୍ୱର୧୬।୧୦(ସକାଳଖବର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଜନ୍ମ ଦିବସରେ ବରଗଡ ଜିଲ୍ଲାର ବିଜେପୁର ନିର୍ବାଚନ ମଣ୍ଡଳୀ ପାଇଁ ଜଳ ସେଚନ ବ୍ୟବସ୍ଥା ପାଇଁ ୧୨୫୦ କୋଟି ଟଙ୍କାର ବ୍ୟୟ ଅଟକଳରେ ଭୂତଳ ପାଇପ ଲାଇନ ପ୍ରକଳ୍ପର ଘୋଷଣା କରିଛନ୍ତି । ଏହି ପ୍ରକଳ୍ପକୁ ଗଙ୍ଗାଧର ମେହେର ଲିଫ୍ଟ କେନାଲ ସିଷ୍ଟମ ଭାବେ ନାମକରଣ କରା ଯାଇଛି । ଏହି ଘୋଷଣାରେ ସେ କହିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା ବିଜେପୁର ଅଂଚଳର ୩୨ ହଜାର ହେକ୍ଟର ଚାଷ ଜମି ଜଳସେଚିତ ହେବ । ଏଥି ମଧ୍ୟରୁ ୨୫ ହଜାର ଖରିଫରେ ୭ ହଜାର ହେକ୍ଟର ରବିରେ ଚାଷ କରା ଯିବ । ଏହା ସମଗ୍ର ଦେଶ ପାଇଁ ଏକ ଆଦର୍ଶ ପ୍ରକଳ୍ପ ହେବ । ତାଙ୍କ ସରକାର କୃଷି ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଆଗାମୀ ୨୦୧୯ ସୁଦ୍ଧା କୃଷିର ଉତ୍ପାଦନ ବୃଦ୍ଧି ପାଇଁ ଅଧିକ ଦଶ ଲକ୍ଷ ହେକ୍ଟର ଚାଷ ଜମିରେ ଜଳସେଚନର ସୁବିଧା ଯୋଗାଇ ଦିଆ ଯିବ । ବରଗଡ ଜିଲ୍ଲାର ମରୁଡି ଅଂଚଳର ଜଳସେଚନ ସୁବିଧା କରିବା ପାଇଁ ବହୁ ଦିନର ଦାବି ଥିଲା । ଆଜି ତାହା ପୂରଣ ହୋଇଛି । ବରଗଡରେ ମୁଖ୍ୟ କେନାଲ ଠାରୁ ୧୮ କିମି ମାଟି ତଳେ ପାଇପ ସଂଯୋଗ କରା ଯାଇ ବିଜେପୁର ଅଂଚଳକୁ ଯୋଗାଇ ଦିଆ ଯିବ । ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହାକୁ ନିର୍ମାଣ କରା ଯିବ । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି କଂଗ୍ରେସ ଓ ବିଜେପି ପକ୍ଷରୁ ଏହାକୁ ସ୍ୱାଗତ କରା ଯାଇଥିଲେ ହେଁ ରାଜନୈତିକ ଉଦ୍ଦେଶ୍ୟ ରଖି ଭୋଟକୁ ହାତେଇବା ପାଇଁ ଏହାର ଘୋଷଣା କରା ଯାଇଥିବା କୁହା ଯାଇଛି । ଆଗାମୀ ଦିନରେ ଉପ ନିର୍ବାଚନ ହେବାକୁ ଯାଉଥିବାରୁ ଏହି ଘୋଷଣା କରା ଯାଇଛି ବୋଲି ସେମାନେ କହିଛନ୍ତି । ଇତି ମଧ୍ୟରେ ବହୁ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନା କରା ଯାଇଛି ମାତ୍ର ତାହାକୁ କାର୍ଯ୍ୟକାରୀ କରା ଯାଇ ନାହିଁ ବୋଲି ସେମାନେ କହିଛନ୍ତି । ଲୋକଙ୍କୁ ଥୋପ ପକାଇବାକୁ ଉଦ୍ୟମ କରା ଯାଇଛି ବୋଲି ସେମାନେ କହିଛନ୍ତି । ବିରୋଧୀ ଦଳ ବିକାଶ କାର୍ଯ୍ୟକୁ ରାଜନୀତିକରଣ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେମାନେ କହିଛନ୍ତି ।

# ବିଷ ପିଇ ଜୀବନ ହାରିଲେ ଚାଷୀ



ଭଦ୍ରକ, ୧୬।୧୦ (ସକାଳ ଖବର) : ମରୁଡି ଜନିତ କ୍ଷୟକ୍ଷତି ଯୋଗୁଁ ଚାଷ ଋଣ ସୁଝିନପାରିବା ଚିନ୍ତାରେ ଆଜି ଜଣେ ଚାଷୀ ନିଜ ଚାଷ କ୍ଷେତ୍ରରେ ବିଷ ପିଇ ଆତ୍ମହତ୍ୟା କରିଥିବା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଏହି ଜିଲାର ବାସୁଦେବପୁର ବ୍ଲକ୍ ଅଧୀନସ୍ଥ କରଞ୍ଜଆଡିଆ ପଂଚାୟତର ରହିମପୁର ଗ୍ରାମରେ। ମୃତ ଚାଷୀର ଶବକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିବା ତାଙ୍କର ଜଣେ ସଂପର୍କୀୟ ଭାଇ ମନୋଜ ନାୟକ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଦେଇଥିବା ତଥ୍ୟ ମୂଳେ ଉକ୍ତ ବ୍ଲକ୍ର ନାୟକାଣୀଡିହି ଥାନା ଅଧୀନସ୍ଥ କରଞ୍ଜଆଡିର ପଂଚାୟତ ରହିମପୁର ଗ୍ରାମରେ ଅଭିମନ୍ୟୁ ମହାନ୍ତିଙ୍କ ଘର। ତାଙ୍କର ଦୁଇପୁତ୍ରଙ୍କ ମଧ୍ୟରୁ ବଡପୁତ୍ର ରାଜ୍ୟ ବାହାରେ ରହି ନିଜର ଜୀବିକା ନିର୍ବାହ କରୁଥିବା **(ପୃଷ୍ଠା-୭)**

# ସମୁଦ୍ରରେ ବଢ଼ିବ ଭାରତର ଶକ୍ତି

- ନୌସେନାରେ ସାମିଲ ହେଲା ଆଇଏନ୍ଏସ୍ କିଲଟନ
- ବୁଡ଼ାଜାହାଜକୁ ସହଜରେ ଟାର୍ଗେଟ କରିବାକୁ ସକ୍ଷମ
- ରାସାୟନିକ, ଜୈବିକ ଓ ପରମାଣୁ ଯୁଦ୍ଧ ଅବସ୍ଥାରେ ମଧ ଲଢ଼ିପାରିବ

ନୂଆଦିଲ୍ଲୀ,୧୬।୧୦ : ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ସୋମବାର ଆଇଏନଏସ କିଲଟନଙ୍କୁ ଭାରତୀୟ ନୌସେନାକୁ ସମର୍ପିତ କରିଛନ୍ତି । ବିଶାଖାପାଟନାର ନର୍ଦନ ନେଭାଲ କମାଣ୍ଡରେ ପହଞ୍ଚି ପ୍ରତିରକ୍ଷା ମନ୍ତ୍ରୀ ଏହାର ଔପଚାରିକତା ପୂରଣ କରିଛନ୍ତି । କିଲଟନକୁ ଭାରତୀୟ ନୌସେନାର ଘାତକ ଯୁଦ୍ଧଜାହାଜ କୁହାଯାଏ । ଏହା ବୁଡ଼ାଜାହାଜକୁ ସହଜରେ ଟାର୍ଗେଟ କରିବାକୁ ସକ୍ଷମ । ରିପୋର୍ଟ ମୁତାବକ ଏହି ଜାହାଜର ଓଜନ ୩୫୦୦ଟନ ଏବଂ ୧୦୯ ମିଟର ଲମ୍ବା । ଏଥିରେ ଚାରୋଟି ଡିଜେଲ ଇଞ୍ଜିନ ଲାଗିଛି । ଆଧୁନିକ ଅସ୍ତ୍ରସସ୍ତ୍ର ଏବଂ ସେନ୍ସରରେ ସଜ୍ଜିତ ଏହି ଯୁଦ୍ଧଜାହାଜ ଘଣ୍ଟା ପ୍ରତି ୪୫ କିମି ବେଗରେ ସମୁଦ୍ରରେ ଯାତ୍ରା କରିପାରେ । ଏଥିରେ ହେଲିକପ୍ଟର ଅବତରଣର ସୁବିଧା ମଧ ଉପଲବ୍ଧ ରହିଛିଛ ଏହି ଯୁଦ୍ଧଜାହାଜରେ ରକେଟ ଲଞ୍ଚର ମଧ ରହିଛି । ଏହା ରାସାୟନିକ, ଜୈବିକ ଓ ପରମାଣୁ ଯୁଦ୍ଧ ଅବସ୍ଥାରେ ମଧ ଲଢ଼ିପାରିବ । ନୌସେନାର ନେଭାଲ ଡିଜାଇନ ନିର୍ଦ୍ଦେଶାଳୟର ଡିଜାଇନ ଉପରେ ଏହି ଯୁଦ୍ଧଜାହାଜକୁ ନିର୍ମାଣ କରାଯାଇଛି । ଏଥିରେ ଉଚ୍ଚକୋଟୀର ଷ୍ଟିଲ ଡିଏମଆର



୨୪୯ ବ୍ୟବହାର କରାଯାଇଛି । ସମୁଦ୍ର ତଟ ଏବଂ ତଟୀୟ କ୍ଷେତ୍ର ସୁରକ୍ଷା ପାଇଁ ଯୁଦ୍ଧଜାହାଜ ଆଇଏନଏସ ତରାସାକୁ ମଧ କିଛି ସପ୍ତାହ ପୂର୍ବେ ଭାରତୀୟ ନୌସେନାରେ ସାମିଲ କରାଯାଇଥିଲା । ଏହା ପୂର୍ବରୁ ଆଇଏନଏସ ତାରମୁଗଲୀ ଓ ଆଇଏନଏସ ଟିହାୟୁକୁ ୨୦୧୬ରେ ନୌସେନାରେ ସାମିଲ କରାଯାଇଥିଲ। ଏବଂ ଏହା ଏବେ ବିଶାଖାପାଟଣାରେ ମୁତୟନ ଅଛି ।

# ପ୍ରତାପ ପଣ୍ଡାଙ୍କୁ ଜାମିନ୍

ଭୁବନେଶ୍ୱର, ୧୬।୧୦ (ସକାଳ ଖବର) : ଭୁବନେଶ୍ୱର ବମିଖାଲରେ ନିର୍ମାଣାଧୀନ ଓଭର ବ୍ରିଜ୍ ଭୁଶୁଡିବା ଘଟଣାରେ ଠିକାଦାର ପ୍ରତାପ ପଣ୍ଡାଙ୍କୁ ଆଜି ଜାମିନ୍ ମିଳିଛି । ପ୍ରତାପ ପଣ୍ଡା ହେଉଛନ୍ତି ପଣ୍ଡା ଇନ୍ଫ୍ରାର ପ୍ରୋଜେକ୍ଟନିର୍ଦ୍ଦେଶକ । ହାଇକୋର୍ଟ ତାଙ୍କୁ ସର୍ତମୂଳକ ଜାମିନ ପ୍ରଦାନ କରିଥିବା ତାଙ୍କର ଓକିଲ ସୂଚନା ଦେଇଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ, ଗତ ସେପ୍ଟେମ୍ବର ୧୦ ତାରିଖରେ ବମିଖାଲ ଓଭର ବ୍ରିଜ ନିର୍ମାଣାଧୀନ ଅବସ୍ଥାରେ ଭୁଶୁଡ଼ି ପଡ଼ିଥିଲା । ଏହି ଘଟଣାରେ ଜଣେ ମୃତ୍ୟବରଣ କରିଥିବାବେଳେ ୧୫ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ ପଣ୍ଡା ଇନ୍ଫ୍ରା ପ୍ରୋଜେକ୍ଟମ୍ୟାନେଜର ବିପୁଲ ଚକ୍ରବର୍ତୀ, ସହକାରୀ ଯନ୍ତ୍ରୀ କିଶୋର ରାଉତ ଓ ପଣ୍ଡା ପ୍ରତାପ ପଣ୍ଡା ଗିରଫ ହୋଇଥିଲେ । ଗତ ୧୨ ତାରିଖରେ ପଣ୍ଡା ଇନ୍ଫ୍ରା ପ୍ରୋଜେକ୍ଟମ୍ୟାନେଜର ବିପୁଲ ଚକ୍ରବର୍ତୀ ଓ ସହକାରୀ ଯନ୍ତ୍ରୀ କିଶୋର ରାଉତଙ୍କୁ ଖୋର୍ଦ୍ଧା ଜିଲ୍ଲା ଓ ଦୌରା ଜଜ୍ଙ୍କ କୋର୍ଟରୁ ଜାମିନ ମିଳିଛି। ଗତ ସେପ୍ଟେମ୍ବର ୧୨ ତାରିଖରେ ଏହି ୨ ଜଣ ଗିରଫ ହୋଇଥିଲେ ।

# ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ବାଲିଯାତ୍ରା କରିବାକୁ ଏନଜିଟିର ମଞ୍ଜୁରୀ

ଭୁବନେଶ୍ୱର, ୧୬।୧୦ (ସକାଳ ଖବର) : କଟକ ମହାନଦୀ ପଠାରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ବାଲିଯାତ୍ରା କରିବାକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନଜିଟି) ମଂଜୁରୀ ଦେଇଛନ୍ତି । ତେବେ ଏନେଇ ଏନଜିଟି କିଛି ସର୍ତ ରଖିଛନ୍ତି । ବାଲିଯାତ୍ରାକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ମୁକ୍ତ କରିବା ସହ ପ୍ରତିଦିନ ଆବର୍ଜନା ସଫେଇ କରିବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମହାନଦୀର ମୁଖ୍ୟସ୍ରୋତ ଠାରୁ ୫୦ ମିଟର ଦୂରରେ ବାଲିଯାତ୍ରା ମେଳା ଲାଗିବ । ଯାତ୍ରା ଶେଷରେ ମହାନଦୀ ପଠାକୁ ସମ୍ପୂର୍ଣ୍ଣ ସଫା କରିବାକୁ ଏନଜିଟି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି ।

# ଲଘୁଚାପର ରୂପ ନେଲା ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୧୬।୧୦ (ସକାଳ ଖବର) :ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଏବଂ ଏହା ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ଲଘୁଚାପରେ ପରିଣତ ହୋଇଛି । ଏହି ଲଘୁଚାପ ଖୁବ୍ ଶୀଘ୍ର ଅବପାତରେ ପରିଣତ ହେବ । ଅବପାତ ଘନୀଭୂତ ହେବାର ସମ୍ଭାବନା ଅଧିକ । କିନ୍ତୁ ଏହା ବାତ୍ୟାର ରୂପ ନେବ କି ନାହିଁ ତାହା ମଙ୍ଗଳବାର ଦିନ ଜଣାପଡ଼ିବ । ଲଘୁଚାପ ଅବପାତରେ ପରିଣତ ହେବା ପରେ ହିଁ ଏହାର ଆକାର ଏବଂ ପ୍ରଭାବ ବିଷୟରେ ଆକଳନ କରିହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ତେବେ ଲଘୁଚାପ ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଉପକୂଳ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ ବିଶେଷଜ୍ଞ ତଥା ଓୟୁଏଟି କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ, **(ପୃଷ୍ଠା-୭)**

# କୁନ୍ଦୁଲି ଗଣଦୁଷ୍କର୍ମ ମାମଲାରେ ୪ ସନ୍ଦିଗ୍ଧ ଅଟକ

ଭୁବନେଶ୍ୱର, ୧୬।୧୦ (ସକାଳ ଖବର) : କୋରାପୁଟ ଜିଲ୍ଲା କୁନ୍ଦୁଲି ନାବାଳିକା ଗଣଦୁଷ୍କର୍ମ ମାମଲାରେ ପୋଲିସ ୪ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି । ଅନ୍ୟପକ୍ଷରେ ପୋଲିସ୍ ଘଟଣାରେ ପ୍ରକୃତ ଅଭିଯୁକ୍ତ ମାନଙ୍କୁ ଗିରଫ ନକରି ନୀରିହଙ୍କୁ ଅଟକ ରଖିଛି ବୋଲି ଅଟକ ବ୍ୟକ୍ତି ମାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ।



ନେବାର ଭଲ ଉପାୟ ହେଉଛି ଦେବା ।



ହୁଣ୍ଡିର ଆୟ (୧୬.୧୦.୧୭)
୪,୫୬,୯୭୪

# ତାଜମହଲକୁ ନେଇ ରାଜନୀତି



- ତାଜମହଲକୁ ଇତିହାସରେ ଜାଗା ଦିଆଯିବା ଉଚିତ୍ ନୁହେଁ : ସଂଗୀତ ସୋମ
- ମୋଦୀ କ'ଣ ଲାଲକିଲ୍ଲାରେ ତ୍ରିରଙ୍ଗା ଉଡ଼ାଇବା ବନ୍ଦ କରିଦେବେ : ଅସଉଦ୍ଦୀନ

ଆଗ୍ରା, ୧୬।୧୦ : ସାରା ଦୁନିଆରେ ପ୍ରେମର ଅଦ୍ୱିତୀୟ ପ୍ରତୀକ ରାଜମହଲକୁ ନେଇ ଆରମ୍ଭ ହୋଇଥିବା ବିବାଦ ଥମିବାର ନାଁ ନେଉନାହିଁ । ଆଉ ଏହି ବିବାଦରେ ଘିଅ ଢାଳୁଛନ୍ତି ବିଜେପିର କିଛି ବିବାଦୀୟ ନେତା ଚ ଯେଉଁମାନେ ସର୍ବଦା ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହି ଆସିଛନ୍ତି । ବିଜେପି ନେତା ତଥା ବିଧାୟକ ସଙ୍ଗୀତ ସୋମଙ୍କ ବିବାଦୀୟ ବୟାନ ଉପରେ ଏବେ ଏଆଇଏମଆଇଏମର ଅଧ୍ୟକ୍ଷ ଅସଉଦ୍ଦୀନ ଅବୈସୀ ପ୍ରତି ଜବାବ ଦେଇଛନ୍ତି । ଅବୈସୀ ଟ୍ୱିଟ୍ କରି କହିଛନ୍ତି ଯେ ଲାଲକିଲ୍ଲାକୁ ମଧ ଗଦ୍ଦାରମାନେ ହିଁ ନିର୍ମାଣ କରିଥିଲେ । ତାହେଲେ କଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲା ଉପରେ ତ୍ରିରଙ୍ଗା ଉଡ଼ାଇବା ଛାଡ଼ି ଦେବେ ? କଣ ମୋଦୀ ଏବଂ ଯୋଗୀ ଘରୋଇ ଏବଂ ବିଦେଶୀ ପର୍ଯ୍ୟଟକଙ୍କୁ କହିବେ କି ତାଜମହଲକୁ ଦେଖିବାକୁ ଆସନ୍ତୁ ନାହିଁ ? କେବଳ ଏତିକି ନୁହେଁ ଦିଲ୍ଲୀର ହାଇଦ୍ରାବାଦ ହାଉସକୁ ହିଁ ଗଦ୍ଦାରମାନେ ମଧ ନିର୍ମାଣ କରିଥିଲେ । କଣ ମୋଦୀ ଏହି ହାଉସରେ ବିଦେଶୀ ଅତିଥିଙ୍କୁ ଅତିଥି ସତ୍କାର ଦେବା ବନ୍ଦ କରି ଦେବେ ? ଅନ୍ୟ ପଟେ ବିଜେପି ମୁଖପାତ୍ର ନଳିନ କୋହଲି ମଧ ତାଜମହଲକୁ ନେଇ ସଙ୍ଗୀତ ସୋମ ଦେଇଥିବା ବୟାନକୁ ତାଙ୍କର ନିଜର ରାୟ ବୋଲି କହିଛନ୍ତି । କୋହଲି କହିଛନ୍ତି ଯେ ତାଜମହଲ ଭାରତର ସାଂସ୍କୃତିକ ଐତିହ୍ୟ । ୟୁପି ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ରୀତା ବହୁଗୁଣା ଯୋଶୀ ମଧ କହିଛନ୍ତି ଯେ ଏହା କୌଣସି ବ୍ୟକ୍ତିର ବ୍ୟକ୍ତିଗତ ବିଚାର ହୋଇପାରେ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ମୋର କହିବା କଥା ତାଜମହଲର ସାଂସ୍କୃତିକ ବିରାସତର ଏକ ଅଂଶ । ଏହା ଦେଶର ଐତିହ୍ୟ କୀର୍ତ୍ତିରାଜ ଏବଂ ବଡ଼ ପର୍ଯ୍ୟଟନ ସ୍ଥଳୀ ମଧ୍ୟ । ରାଜ୍ୟର ବିଜେପି ସରକାର ଆଗ୍ରା ଏବଂ ତାଜମହଲର ବିକାଶ ପାଇଁ ବଦ୍ଧ ପରିକର । ପର୍ଯ୍ୟଟନ ଦୃଷ୍ଟିକୋଣରୁ ଦେଖିଲେ ତାଜମହଲ ଆମ ଦେଶର ଗର୍ବ । ଉଲ୍ଲେଖଯୋଗ୍ୟ ୟୁପିର ମେରଠ ଜିଲ୍ଲାର ସରଧନା ସିଟର ବିଜେପି ବିଧାୟକ ସଙ୍ଗୀତ ସୋମ କହିଥିଲେ ଯେ ଗଦ୍ଦାରମାନଙ୍କ ଦ୍ୱାରା ନିର୍ମିତ ତାଜମହଲକୁ ଇତିହାସରେ ଜାଗା ଦିଆଯିବା ଉଚିତ୍ ନୁହେଁ ।

# ଫସିଲେକୋଟିପତି ଅମୀନ

- ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଚଢାଉ
- କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତି ଠାବ

ଭୁବନେଶ୍ୱର, ୧୬।୧୦ (ସକାଳ ଖବର) : ଆୟ ବହିର୍ଭୁତ ସମ୍ପତି ଅର୍ଜନ କରିଥିବା ମାମଲାରେ ବାଲିଅନ୍ତା ତହସିଲର ଅମୀନ ଫକୀର ମୋହନ ଜେନାଙ୍କ ଭୁବନେଶ୍ୱର ଘର ଓ ଅନ୍ୟ ସ୍ଥାନ ମାନଙ୍କରେ ଭିଜିଲାନ୍ସ ଚଢାଉ କରିଛି । ଶ୍ରୀ ଜେନାଙ୍କ ଭୁବନେଶ୍ୱର, ପୁରୀ, ବାଲିଅନ୍ତା ସମେତ ଚାରୋଟି ସ୍ଥାନରେ ଚଢାଉ କରିଥିଲା । ଚଢାଉ ସମୟରେ ଶ୍ରୀ ଜେନାଙ୍କ ଘରୁ ପାଖାପାଖି ୨ ଲକ୍ଷ ନଗଦ ଟଙ୍କା ମିଳିଥିବା ବେଳେ ବିଭିନ୍ନ ସ୍ଥାନରେ ତାଙ୍କର ୧୭ ଟି ପ୍ଲଟ୍ ରହିଛି । ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତିର ଆନୁମାନିକ ମୂଲ୍ୟ ପ୍ରାୟ ଏକ କୋଟି ୧୨ ଲକ୍ଷ ୭ହଜାର ୨୦୭ ଟଙ୍କାବୋଲି ଭିଜିଲାନ୍ସ ସୂତ୍ରରୁ ପ୍ରକାଶ । ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ବ୍ରହ୍ମେଶ୍ୱର ପାଟଣା ଠାରେ ଶ୍ରୀ ଜେନାଙ୍କର ଏକ ୨ ମହଲା କୋଠା ରହିଛି , ଯାହାର ମୂଲ୍ୟ ଆନୁମାନିକ ୪୮ ଲକ୍ଷ ୫୦ ହଜାର ଟଙ୍କା । ସେହିପରି ୯ଲକ୍ଷ ୪୩ ହଜାର ଟଙ୍କାର ପୁରୀ ବିନୋଦ ନଗରରେ ୧ ମହଲା ଘର , ୨୭ ଲକ୍ଷ ୩୮ ହଜାର ଟଙ୍କାର କପିଳେଶ୍ୱରପୁର , ଭରତପୁର , ଜଗନ୍ନାଥ ନଗର ଆଦି ସ୍ଥାନରେ ଥିବା ୧୭ ଟି ପ୍ଲଟ୍ , ୨ ଲକ୍ଷ , ୭୬ ହଜାର ଟଙ୍କାର ୧୯୩ ଗ୍ରାମ୍ ସୁନା ଅଳଙ୍କାର , ୧୨୦ ଗ୍ରାମ ରୂପା , ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର , ସାଢେ ୬ ଲକ୍ଷ ଟଙ୍କାର ହ୍ୟୁଣ୍ଡାଇ କାର୍ , ୨ଲକ୍ଷ ୬୨ ହଜାର ଟଙ୍କାର ଜୀବନ ବୀମା , ୪ ଲକ୍ଷ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଫିକ୍ସ ଡିପୋଜିଟ୍ ଅର୍ନ୍ତଭୁକ୍ତ । ସୂଚନାଯୋଗ୍ୟ ଯେ ପୁରୀ ସେଟଲମେଂଟ ଅଫିସ୍ ରେ ଶ୍ରୀ ଜେନା ୧୯୮୭ରେ କମି ରାଇଟର ଭାବେ କାମ ଆରମ୍ଭ କରିଥିଲେ । ଗତ ୨୦୧୫ରେ ଚାକିରୀ ରେଗୁଲାର ହେବା ପରେ ସେ ଅମିନ ହୋଇଥିଲେ । ବର୍ତମାନ ସେ ବାଲିଅନ୍ତ ତହସିଲରେ ଅମିନ ଅଛନ୍ତି ।

# þQþ¦êZÿ 71†ÿþ fœÿ†ÿ${Àÿ fê¯ÿœÿ ¯ÿ¢ÿ Lÿæ¾Lÿþ

## 1237 ßœÿs ÀÿNÿ ÓóSÿ†ÿ ▪ ÀÿNÿ'ÿæ†ÿæZÿ SÜÿ~{Àÿ fœÿ'ÿœÿ ¨æÁÿ{àÿ þQþ¦ê

684-O

I&PR- 25020/11/0010/1718

## ¨ALÿ `ÿæLÿÀÿ œÿþÁÿ{àÿ ¯ÿæ¨æ {'ÿ{¯ÿ Aæ†ÿ¼Üÿ†ÿ¿æ

## œÿ¯ÿêœÿ ¨tœÿæßLÿ {ÉÏ þQ¿þ¦ê : µÿ'ÿLÿ œÿæSÀÿLÿ þo

## ™æþœÿSÀÿ ¯ÿLÿÓÀÿêß ¯ÿ{fxÿ Hæxÿ Lÿþs Svÿœÿ œÿþ{;ÿ {¯ÿvÿLÿ

## 2 þH Óþ$Lÿ SÀÿüÿ

## AæÀÿFÓ¨Àÿ ¯ÿæÎ üÿ{,ÿÓ-5Àÿ A{Lÿæ¯ÿÀÿ 13 †ÿæÀÿQÀÿ Ws~æ: FLÿ ¨\ÿæœÿ ¨\ÿ †ÿ$¿

## LÿÁÿæ dæ†ÿdæ†ÿêZÿ †ÿÀÿüÿÀÿ fàÿæ ¨æÁÿZÿ fSÝæ$Zÿ {†ÿÁÿ `ÿ†ÿ ¨'ÿæœÿ

## µÿ'ÿLÿ ¨þßÀÿ àÿS †ÿ†ÿêß ÓóÔÿÀÿ~Àÿ œÿÿàÿæþ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**

Óó¨æ'ÿLÿ : Aþ†ÿ Lÿþæ Àÿ þàÿLÿ